ପ୍ରଜାତନ୍ତ୍ର — ୧୨-୨-୧୯୬୬

# କେତେ ଦିଗନ୍ତ

ମନୋଜ ଦାସ

ନିକଟରେ ଗୋଟିଏ ବହୁଳ ପ୍ରଚାରିତ ଚିତ୍ରପ୍ରଧାନ ଇଂରାଜୀ ସାପ୍ତାହିକ ପତ୍ରିକାରେ 'ଜନଶକ୍ତି'ର ପାଠକମାନେ ହୁଏତ ଏକ ସୁକୁମାରୀ ବାଳିକାର ଛବି ଦେଖିଥିବେ। ଏକାସ୍ଥଳରେ ବାଳିକାଟି ବହୁ ସଂଖ୍ୟକ ଓସ୍ତାଦ ଖେଳୁଆଡ଼ଙ୍କ ସହିତ ଚେସ୍ ଖେଳି ସେମାନଙ୍କୁ ହରାଇ ଦେଇଛି।

ମଧ୍ୟେ ମଧ୍ୟେ ଏଭଳି କୌତୂହଳୋଦ୍ଦୀପକ ଘଟଣା ଘଟିଥାଏ। ଏହିଭଳି ଅସାଧାରଣ ଶକ୍ତିସମ୍ପନ୍ନ ଶିଶୁ-

## ପ୍ରତିଭାର ପ୍ରଭଞ୍ଜନ !

ମାନଙ୍କୁ Prodigy ବୋଲି ଆଖ୍ୟା ଦିଆଯାଇଥାଏ। ମନସ୍ତତ୍ତ୍ୱ ସମ୍ପର୍କରେ ଯେତିକି ସାଧାରଣ ଜ୍ଞାନ ମୁଁ ସଂଗ୍ରହ କରି ପାରିଛି ସେଥିରେ ଏହି ବିସ୍ମୟକର ସଂଘଟଣା ସମ୍ବନ୍ଧରେ କିଛି ସନ୍ତୋଷଜନକ ବ୍ୟାଖ୍ୟା ପାଇ ନାହିଁ। 'ମନସ୍ତତ୍ତ୍ୱ ଅଭିଧାନ' (ଜେମସ ଡ୍ରେଭର ସମ୍ପାଦିତ) ଶବ୍ଦଟିର ସଂଜ୍ଞା ଏହିପରି ନିରୂପଣ କରୁଛି: "ସାଧାରଣ ଅର୍ଥରେ ଯାହା କିଛି ବିସ୍ମୟ ଉତ୍ପାଦନ କରେ; ଅଦ୍ଭୁତ ଶକ୍ତିର ପରିଚୟ ଦେଉଥିବା ବ୍ୟକ୍ତିବିଶେଷ··· ବିଶେଷତଃ ଅଳ୍ପ ବୟସରେ।"

ଅତ୍ୟନ୍ତ ସାଧାରଣ ପରିବେଶ— ସାଧାରଣ ପରିବାର-ସାଧାରଣ ପିତାମାତାଙ୍କ ଭିତରୁ ହଠାତ୍ ବିଦ୍ୟୁତ ଭଳି ଚମକି ଉଠେ କୌଣସି ଏକ ଶିଶୁର ପ୍ରତିଭା। ବହୁ ଉଦାହରଣ ରହିଛି ବହୁ ଗ୍ରନ୍ଥ ବହୁ ପତ୍ରପତ୍ରିକାରେ। ଏଠାରେ ଯେଉଁ କେତୋଟି ମୁଁ ଉଲ୍ଲେଖ କରୁଛି, ସେଗୁଡ଼ିକ ସର୍ବାଧିକ ସାକ୍ଷ୍ୟ-ସମର୍ଥିତ। ପାଠକମାନେ ଇଚ୍ଛା କଲେ ଏଥିରୁ ଅନ୍ତତଃ କେତେଜଣଙ୍କର ଜୀବନ କାହାଣୀ—ଯେ କୌଣସି ବଡ଼ ପାଠାଗାରର ବିଭିନ୍ନ ବିଭାଗରୁ ପାଇ ପାରିବେ।

ପ୍ରଥମତଃ ଧରାଯାଉ ବିଶ୍ୱବିଶ୍ରୁତ ଦୁଇଜଣ ସଙ୍ଗୀତଜ୍ଞ ମୋଜାର୍ଟ ଓ ବିଥୋଭେନଙ୍କ କଥା। ମୋଜାର୍ଟ ଚାରିବର୍ଷ ବୟସରେ ଯେଉଁ ଅପୂର୍ବ ସୁର (minuet) ରଚନା କରିଥିଲେ, ଆଜି ମଧ୍ୟ ତାହା ବିଶ୍ୱ-ସଙ୍ଗୀତର ଗନ୍ତାଘରରେ ଅମୂଲ୍ୟ ସମ୍ପଦ। ତାଙ୍କର ଖ୍ୟାତି ପରିମଳ ଭଳି ଲାଗିଥିଲା ସମ୍ରାଟ ପ୍ରଥମ ଫ୍ରାନ୍ସିସଙ୍କୁ। ଅତରେ ଶିଶୁ ମୋଜାର୍ଟ ଗଲେ ଭିଏନା। ସମ୍ରାଟ ଅତି ଆଦରରେ ନିଜ ପାଖରେ ଶିଶୁ ପ୍ରତିଭାଟିକୁ ବସାଇ ମନ ଇଚ୍ଛା ସଙ୍ଗୀତ ଶୁଣିଲେ ଓ ତାଙ୍କୁ 'ଟିକି ଯାଦୁକରଟିଏ' ବୋଲି ଆଖ୍ୟା ଦେଲେ।

ବିଥୋଭେନ ଆଠ ବର୍ଷ ବୟସରେ ପୁଣି ଶ୍ରୋତୃମଣ୍ଡଳୀଙ୍କୁ ଚମତ୍କୃତ କରି ଦେଉଥିଲେ। ତାଙ୍କର ଯେତେବେଳେ ବୟସ ଦଶ ବର୍ଷ ସେତେବେଳେ ତାଙ୍କ ପ୍ରକାଶିତ ସ୍ୱରଲିପିକୁ ଅନୁସରଣ କରୁଥିଲେ ପ୍ରବୀଣ ସଙ୍ଗୀତଜ୍ଞମଣ୍ଡଳ।

ଆଉ ଜଣେ ସଙ୍ଗୀତଜ୍ଞ ସାମୁଏଲ ଉଏସଲେ। ବିଚକ୍ଷଣ ଭାବରେ ଅର୍ଗାନ ବଜାଇ ସମସ୍ତଙ୍କୁ ଚମତ୍କୃତ କରିଦେଉଥିଲେ ମାତ୍ର ତିନି ବର୍ଷ ବୟସରେ।

ଉପରୋକ୍ତ ନାମଗୁଡ଼ିକ ଅଦ୍ୟାପି ବିଖ୍ୟାତ। 'ଏନସାଇକ୍ଲୋପେଡ଼ିଆ ବ୍ରିଟାନିକା'ର ତୃତୀୟ ଖଣ୍ଡରେ ଆପଣ ଉଇଲିଅମ ହେନ୍‌ରି ଉଏଷ୍ଟ ବେଟିଙ୍କ ଉପରେ ଗୋଟିଏ ପାରାଗ୍ରାଫ୍ ପଢ଼ିବାକୁ ପାଇବେ। ଯେତେବେଳେ ତାଙ୍କ ବୟସ ମାତ୍ର ଏଗାର, ସେତେବେଳେ ଷ୍ଟେଜପର ସର୍ବାଧିକ ବିଖ୍ୟାତ ଅଭିନେତା ସିଏ। ନା- ଶିଶୁ ଅଭିନେତା ବୋଇଲେ ଯାହା ବୁଝାଏ, ତାହା ନୁହେଁ। ଉଇଲିଅମ ବେଟି ସେହି ବୟସରେ ସେକ୍ସପିଅରଙ୍କ ନାଟକଗୁଡ଼ିକର ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ହେଉଥିଲେ। ତାଙ୍କର ଅଭିନୟ ଦେଖିବାକୁ ଏତେ ଭିଡ଼ ହେଉଥିଲା ଯେ, ସୈନ୍ୟବାହିନୀ ଆସି ଜନତାକୁ ନିୟନ୍ତ୍ରିତ କଲେ। ଏହା ଗତ ଶତାବ୍ଦୀର ପ୍ରଥମ ଦଶକର ଘଟଣା। ସେତେବେଳର ପ୍ରଧାନ ମନ୍ତ୍ରୀ ଉଇଲିଅମ ପିଟ୍ ଥରେ ପାର୍ଲିଆମେଣ୍ଟ ଅଧିବେଶନ ମୁଲତବୀ ରଖିଲେ— ସଦସ୍ୟଗଣ ହାମଲେଟ ଭୂମିକାରେ ଉଇଲିଅମ ବେଟିଙ୍କର ଅଭିନୟ ଦେଖିବେ ବୋଲି।

ସତର ବର୍ଷ ବୟଃକ୍ରମ ପର୍ଯ୍ୟନ୍ତ ଅସାମାନ୍ୟ ଗୌରବ ସହ ବେଟି ଅଭିନୟ କରି କିଛିକାଳ ପାଠ ପଢ଼ାରେ କ୍ୟାମ୍ବ୍ରିଜରେ କଟାଇ ଏକୋଇଶ ବର୍ଷ ବୟସରେ ପୁନଶ୍ଚ ଯେତେବେଳେ ରଙ୍ଗମଞ୍ଚକୁ ପ୍ରତ୍ୟାବର୍ତ୍ତନ କଲେ, ସେତେବେଳକୁ ହାୟ! କୁଆଡ଼େ ବିଲୁପ୍ତ ହୋଇ ଯାଇଛି ତାଙ୍କର ସେହି ଅସାଧାରଣ ପ୍ରତିଭା!

ଏଇ ଉଦାହରଣ ଆମକୁ ଆଉ ଏକ ଅତ୍ୟନ୍ତ ଜଟିଳ ସମସ୍ୟାର ସମ୍ମୁଖୀନ କରାଉଛି। ଉଇଲିଅମ ବେଟିଙ୍କ ଘଟଣା ଓ ନିମ୍ନୋକ୍ତ ଘଟଣାରୁ ମନେହୁଏ, ଯେପରି ସମ୍ପୃକ୍ତ ଶିଶୁମାନଙ୍କ ଉପରେ 'ଅସାଧାରଣ ପ୍ରତିଭା' ସବାର ହୋଇଥାଏ। କିଛିକାଳ ପାଇଁ ନିଜ ଖିଆଲ ଅନୁସାରେ ସେ ପୁଣି ଛାଡ଼ି ଚାଲିଯାଏ। ଡେଭିଡ୍ ଗାନ୍‌ସଟନ ଆମେରିକାର ବିସ୍ମୟକର ବାଳକ ଉଇଲିଅମ ଜେମସ ସିଡ଼ିସଙ୍କ ସମ୍ପର୍କରେ ଲେଖିଛନ୍ତି ଯେ, ସିଡ଼ିସ ଦୁଇବର୍ଷ ବୟସରେ ଅନର୍ଗଳ ଲେଖାପଢ଼ା କରି ପାରୁଥିଲେ ଓ ଆଠବର୍ଷ ବୟସ ବେଳକୁ ରୁଷ ଓ ଗ୍ରୀକ ଭାଷା ସମେତ ଛଅଟି ବିଦେଶୀ ଭାଷା ଅକ୍ଳେଶରେ କହି ପାରୁଥିଲେ। ତାଙ୍କର ଯେତେବେଳେ ଏଗାର ବର୍ଷ ବୟସ ସେତେବେଳକୁ ବିଜ୍ଞ ଅଧ୍ୟାପକମାନଙ୍କର କ୍ଲାସ ଗୋଟିଏ ସେ ନେଉଥିଲେ (ଚତୁର୍ଥ ଡାଇମେନ୍‌ସନ ରହସ୍ୟ ବିଷୟରେ।) କିନ୍ତୁ ତାଙ୍କୁ ଯେତେବେଳେ ପଚିଶ ବର୍ଷ ବୟସ, ସେତେବେଳକୁ ସେ ସାଧାରଣ ଯୁବକଟିଏ ମାତ୍ର—କିରାଣୀରୂପେ ମଧ୍ୟବୟସରେ ସେ ପ୍ରାଣତ୍ୟାଗ କଲେ।

ଉପରୋକ୍ତ ଡେଭିଡ ଗାନ୍‌ସ୍ଟନଙ୍କ ଲେଖାରୁ ଏଠାରେ ଗୋଟାଏ

(୪ର୍ଥ ପୃଷ୍ଠା ଦେଖନ୍ତୁ)

## କେତେ ଦିଗନ୍ତ

(୩ୟ ପୃଷ୍ଠାର ଅବଶିଷ୍ଟାଂଶ)

ସଂପୂର୍ଣ୍ଣ ପାରାଗ୍ରାଫ ଉଦ୍ଧୃତ କରିବାର ଲୋଭ ସମ୍ବରଣ କରିପାରୁ ନାହିଁ। "ଇତିହାସରେ ସର୍ବାଧିକ ବିସ୍ମୟକର ଶିଶୁ ପ୍ରତିଭା ହେଉଛି ଲ୍ୟୁବେକର କ୍ରିଶ୍ଚିୟାନ ଫ୍ରେଡ଼ରିକ ହାଇନେକେନ। ୧୭୨୧ ମସିହାରେ ସ୍ୱୟଂସଂପୂର୍ଣ୍ଣ ପ୍ରତିଭା ହିସାବରେ ସେ ଜନ୍ମଗ୍ରହଣ କରିଥିଲା। ଯେତେବେଳେ ତା'ର ବୟସ ମାତ୍ର କେତେ ଘଣ୍ଟା ସେତେବେଳେ, ସେ କଥା କହିବାକୁ ଆରମ୍ଭ କରିଥିଲା ବେଶ୍ ବୁଦ୍ଧିମାନ ସହକାରେ। ଦୁଇ ବର୍ଷ ବୟସ ବେଳକୁ ତା'ର ଧୀଶକ୍ତି ହୋଇଥିଲା ଏତେ ଦୂର ବିକଶିତ ଯେ, କୃତବିଦ୍ୟ ବୟସ୍କ ବ୍ୟକ୍ତି ତା' ସହିତ କଥାବାର୍ତ୍ତା କରିବା ଭଳି ଯୋଗ୍ୟତାର ଅଧିକାରୀ ଥିଲେ। ସେ ସଂପୂର୍ଣ୍ଣ ବାଇବେଲ ଅକ୍ଳେଶରେ ଆବୃତ୍ତି କରୁଥିଲା। ଯେତେବେଳେ ତା' ବୟସ ତିନିବର୍ଷ ସ୍କୁଲପର ଯେ କୌଣସି ବାସିନ୍ଦାଠାରୁ ସେ କିଛି କମ ଇତିହାସ ଭୂଗୋଳ ଜାଣି ନ ଥିଲା। ଦୂର ଦୂରାନ୍ତରୁ ତାଙ୍କୁ ଦେଖିବା ନିମନ୍ତେ ବହୁ ଲୋକ ଆସୁଥିଲେ। କିନ୍ତୁ ଡେନମାର୍କର ରାଜାଙ୍କୁ ଥରେ ସାକ୍ଷାତ କରି ଫେରିବା ପରେ ଶିଶୁଟି ହୋଇପଡ଼ିଲା ଅସୁସ୍ଥ। ମାନସିକ ବିକାଶ ଦିଗରୁ ନିଜର ସମକକ୍ଷ କୌଣସି ବ୍ୟକ୍ତିଙ୍କୁ ଭାବର ଆଦାନ ପ୍ରଦାନ ନିମନ୍ତେ ନିଜ ପାଖରେ ନ ପାଇ ବିକ୍ଷୁବ୍ଧ ଓ କ୍ଳାନ୍ତ ଭାବରେ ଏଇ କରୁଣ ଶିଶୁ-ପ୍ରତିଭା ବର୍ଷେ ଭିତରେ ଇହଧାମ ତ୍ୟାଗ କରି ଚାଲିଯିବ ବୋଲି ଭବିଷ୍ୟତ ବାଣୀ କରିଥିଲା। ମୃତ୍ୟୁ ବେଳକୁ ତା'ର ବୟସ ହୋଇଥିଲା ମାତ୍ର ଚାରିବର୍ଷ।" (ପାରାଗ୍ରାଫଟି ୧୯୬୫ ଜୁଲାଇ ପଚିଶ ତା 'ଦି ହିନ୍ଦୁ'ରୁ ଉଦ୍ଧୃତ)।

ଏଇସବୁ ଘଟଣାକୁ ନେଇ କେତେଦୂର ଯୁକ୍ତିତର୍କର ଅବକାଶ ଅଛି, ତାହା ମୁଁ ଜାଣେନା। ତେବେ ଏହା ସେହି ବିଖ୍ୟାତ ଉକ୍ତି—"ପ୍ରତିଭା ହେଉଛି ଶତକଡ଼ା ଏକ ଭାଗ ପ୍ରେରଣା ଓ ଅନେଶତ ଭାଗ ପରିଶ୍ରମ" (Genius is one percent inspiration and ninety-nine percent perspiration) ପ୍ରତି ଅନାସ୍ଥା ଆଣିଦିଏ।

ପ୍ରଜାତନ୍ତ୍ର
୧୨-୨-୬୬